# Akashvani, Sambalpur

## SAMBALPURI NEWS EVENING BULLETIN

## 8 October 2023- 7.02 pm- 7.12 pm.

*********************************************

### ମୁଖିଆ ଖବର୍

୧- ବାୟୁସେନାର ବୀର ମାନ୍‌କର୍ ନିସ୍ୱାର୍ଥ ସେବା ଆଉ ବଳିଦାନ୍ ଲାଗି ଦେଶର୍ ଆକାଶ୍‌ପଥ ସୁରକ୍ଷିତ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ଦେଶର୍ ସବୁ ସମବାୟ ରେଜିଷ୍ଟ୍ରାର୍ ଆର୍ ଗ୍ରାମ୍ୟ ଉନ୍ନୟନ୍ ବେଙ୍କ୍ ହେବା କମ୍ପ୍ୟୁଟରୀକରଣ ।

୩- ବନ୍ୟପ୍ରାଣୀ ଅପରାଧୀମାନ୍‌କୁ ଧର୍‌ବାର୍ ଲାଗି ଜଙ୍ଗଲ୍ ବିଭାଗ୍‌ର ଅଧିକାରୀମାନ୍‌କୁ ମୋବାଇଲ୍ ଟ୍ରାକିଂ ବ୍ୟବସ୍ଥା ବେଭାର୍ କର୍‌ବାର୍‌କେ ମିଲ୍‌ଲା ଅନୁମତି ।

ଆଉର୍

୪- ମହିଳା ହକି ଖେଲାଳି ଦୀପ୍‌ଗ୍ରେସ୍ ଏକ୍କାଙ୍କର୍ ଲାଗି ୫୦ ଲାଖ୍ ଟଙ୍କା ପୁରସ୍କାର୍ ଘୋଷ୍‌ନା କଲେ ରାଜ୍ୟ ସରକାର୍ ।

ଭାରତୀୟ ବାୟୁସେନା-ପ୍ରତିଷ୍ଠା ଦିବସ ଆର୍‌ଏନ୍‌ୟୁ କଟକ୍

ଭାରତୀୟ ବାୟୁସେନା ଆଏଜ୍ ୯୧ ନମ୍ବର୍ ପ୍ରତିଷ୍ଠା ଦିବସ୍ ପାଲନ୍ କରୁଛେ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜନେଇଛନ୍ । ସେ ସୋସିଆଲ୍ ମିଡ଼ିଆ ପୋଷ୍ଟ୍‌ଥି କହିଛନ୍ ଯେ, ଭାରତୀୟ ବାୟୁସେନାର୍ ସାହସ୍, ପରାକ୍ରମ ଆଉ ସମର୍ପଣ୍ ଲାଗି ଭାରତ୍ ଗର୍ବିତ ଆଏ । ସେମାନ୍‌କର୍ ନିସ୍ୱାର୍ଥ ସେବା ଆଉ ବଲିଦାନ୍ ଲାଗି ଦେଶର୍ ଆକାଶ୍ ପଥ ସୁରକ୍ଷିତ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ସେନ୍ତା ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂ ଭିଲ୍ ବାୟୁସେନା ଦିବସ୍ ଅବ୍‌ସରେ ଶୁଭେଚ୍ଛା ଜନେଇକରି କହିଛନ୍ ଯେ, ଭାରତ୍‌ର ଆକାଶ୍‌ପଥ ସୁରକ୍ଷିତ୍ ରଖ୍‌ବାର୍ ଲାଗି ବାୟୁସେନାର୍ ବୀର ଯୋଦ୍ଧା ମାନ୍‌କର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛେ । ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଭିଲ୍ ସୋସିଆଲ୍ ମିଡ଼ିଆ ପୋଷ୍ଟ୍ ଜରିଏ ଭାରତୀୟ ବାୟୁସେନାର୍ ସାହସ୍ ଆର୍ ସମର୍ପଣକେ ପ୍ରଶଂସା କରିଛନ୍ । ଭାରତ୍‌ର ଏକତା ଆଉ ସାର୍ବଭୌମତ୍ୱର ସୁରକ୍ଷା କରୁଥିବା ବୀରଯୋଦ୍ଧା ମାନ୍‌କୁ ନମସ୍କାର୍ କରୁଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ୍ ଆଉ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ବାୟୁସେନାର୍ ଅଧିକାରୀ, କର୍ମଚାରୀ ଆଉ ସେମାନ୍‌କର୍

ପରିବାର୍‌ବର୍ଗଙ୍କୁ ଶୁଭେଚ୍ଛା ଜନେଇଛନ୍ । ବାୟୁସେନା ଦିବସ୍ ଅବ୍‌ସରେ ଉତରପ୍ରଦେଶ୍ ପ୍ରୟାଗ୍‌ରାଜ୍‌ର ବାମରାଉଲି ବାୟୁସେନା କେନ୍ଦ୍ର ନ ଗୁଟେ ପେରେଡ୍ ହେଇଥିଲା ।

ବାୟୁସେନା ମୁଖ୍ୟ ଏୟାର୍‌ଚିଫ୍ ମାର୍ସଲ୍ ଭି.ଆର୍. ଚୌଧୁରୀ, ପ୍ରତିରକ୍ଷା ବାହିନୀ ମୁଖ୍ୟ ଜେନେରାଲ୍ ଅନୀଲ୍ ଚୌହାନ୍ ଆଉ କେନ୍ଦ୍ରୀୟ ଏୟାର୍ କମାଣ୍ଡ୍‌ର ଜେନେରାଲ୍ ଅଫିସର୍ ଇନ୍ କମାଣ୍ଡ ଏୟାର୍ ମାର୍ସଲ୍ ଆର୍.ଜି. କେ. କପୁର୍ ପେରେଡ୍‌ଥି ଅଭିବାଦନ୍ ଗ୍ରହଣ୍ କରିଥିଲେ । ଏୟାର୍‌ଚିଫ୍ ମାର୍ସଲ୍ ବିମାନ୍ ବାହିନୀର୍ ୪ ଟା ଶାଖାକେ ପଦକ୍ ପ୍ରଦାନ୍ କରିଛନ୍ । ୧୬ ନମ୍ବର୍ ସ୍କ୍ୱାର୍ଡ୍‌ନ୍, ଶହେ ୪୨ ହେଲିକେପ୍ଟର୍ ୟୁନିଟ୍, ୯ ଶହ ୧ ସିଗ୍‌ନାଲ୍ ୟୁନିଟ୍ ଆର୍ ତିନ୍‌ହି ବେସ୍ ରିପ୍ୟାର୍ ଡିପୋକେ ବିଚକ୍ଷଣ ସେବା ଦେବାର୍ ଲାଗି ଇ ପଦକ୍ ଦିଆଯାଇଛେ ।

ପ୍ରଧାନ୍‌ମନ୍ତ୍ରୀ-ଏସୀୟ କ୍ରୀଡ଼ା ଖେଲାଲୀ ପି.ଆଇ.ବି.

ଏସୀୟ କ୍ରୀଡ଼ାଥି ଭାରତ୍ ଶହେ ୭ ଟା ପଦକ୍ ପାଇଥିବାର୍‌ନୁ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଛନ୍ । ଶ୍ରୀ ମୋଦୀ ସାମାଜିକ ଗଣମାଧ୍ୟମ୍ ଏକ୍ସ ଜରିଏ ପୋଷ୍ଟ୍ କରିକରି କହିଛନ୍ ଯେ, ଇଟା ଭାରତ୍ ଲାଗି ଗୁଟେ ଐତିହାସିକ୍

ସଫଳତା ଆଏ । ଖେଲାଲିମାନେ ଶହେ ୭ ଟା ପଦକ୍ ଆନ୍‌ବାର୍‌ଟା ଗଲା ୬୦ ବଛର୍ ଭିତ୍‌ରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ୍ ଆଏ । ଆମର୍ ଖେଲାଲିମାନ୍‌କର୍ ଅଦମ୍ୟ ନିଷ୍ଠା, ନିରବଚ୍ଛିନ୍ନ ଉତ୍ସାହ ଆର୍ କଠିନ୍ ପରିଶ୍ରମ୍ ଦେଶ୍‌କେ ଗର୍ବିତ୍ କରିଛେ ।

ଧର୍ମେନ୍ଦ୍ର ପ୍ରଧାନ୍-କିଶୋର୍ କୁମାର୍ ଜେନା ଆର୍‌ଏନ୍‌ୟୁ କଟକ୍

ଏସୀୟ କ୍ରୀଡ଼ାଥି ଜାଭ୍‌ଲିନ୍ ଥ୍ରୋ ପ୍ରତିଯୋଗିତାଥି ରୌପ୍ୟ ପଦକ୍ ପାଇଥିବା ଓଡ଼ିଆ ଆଥ୍‌ଲେଟ୍ କିଶୋର୍ କୁମାର୍ ଜେନାଙ୍କୁ କେନ୍ଦ୍ର ଶିକ୍ଷା ଦକ୍ଷତା ବିକାଶ୍ ଆଉ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ନୂଆଦିଲ୍ଲୀ ନ ଭେଟିକରି ଅଭିନନ୍ଦନ୍ ଜନେଇଛନ୍ । ଶ୍ରୀ ପ୍ରଧାନ୍ ଟ୍ୱିଟ୍ ଜରିଏ କହିଛନ୍ ଯେ, ଏସୀୟ କ୍ରୀଡ଼ାଥି ରୌପ୍ୟ ପଦକ୍ ଜିତିଥିବା ଓଡ଼ିଆ ଆଥ୍‌ଲେଟ୍ କିଶୋର୍ କୁମାର୍ ଜେନା ନିଜର୍ ଉଚ୍ଚକୋଟୀର ପ୍ରଦର୍ଶନ୍ ଜରିଏ ସବୁ ଭାରତୀୟଙ୍କର୍ ହୃଦୟ ଜିତିଛନ୍ । ତାଁକର୍ ଆତ୍ମବିଶ୍ୱାସ୍, ପରିଶ୍ରମ ଆଉ ଆଗ୍‌କେ ବଢ଼୍‌ବାର୍ ଇଚ୍ଛା ପ୍ରଶଂସନୀୟ ଆଏ ।

ସମବାୟ ସମିତି -ପ୍ରଧାନ୍‌ମନ୍ତ୍ରୀ, ଅମିତ୍ ଶାହା ପି.ଆଇ.ବି.

କେନ୍ଦ୍ର ସର୍କାର୍ ଦେଶର୍ ସବୁ ସମବାୟ ସମିତି ମାନ୍‌କୁ ବର୍କସ୍ କର୍‌ବାର୍ ଲାଗି ପ୍ରଧାନ୍‌ମନ୍ତ୍ରୀଙ୍କର୍ ନେତୃତ୍ୱ ଆଉ କେନ୍ଦ୍ର ସମବାୟ ମନ୍ତ୍ରୀ ଅମିତ୍ ଶାହାଙ୍କର୍ ମାର୍ଗଦର୍ଶନ୍‌ଥି ବହୁତ୍‌ଟେ ପଦକ୍ଷେପ୍ ନେଇଛନ୍ । କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହା ୨୮ ଟା ରାଜ୍ୟ ଆଉ ୮ ଟା କେନ୍ଦ୍ରଶାସିତ୍ ଅଂଚଲ୍‌ର ସମବାୟ ରେଜିଷ୍ଟ୍ରାର୍ ଆଉ ୧୩ ଟା ରାଜ୍ୟ ନ କାମ୍ କରୁଥିବା ୧ ହଜାର୍ ୮ ଶହ ୫୧ ଟା କୃଷି ଆଉ ଗ୍ରାମ୍ୟ ଉନ୍ନୟନ୍ ବେଙ୍କ୍‌କେ କମ୍ପ୍ୟୁଟରିକରଣ୍ ଆର୍ ସଶକ୍ତ କର୍‌ବାର୍ ଗୁଟେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ୍ ନେଇଛନ୍ । ଇ ଯୋଜ୍‌ନା ଲାଗି ଗୁଟେ କେନ୍ଦ୍ରୀୟ ପ୍ରକଳ୍ପ ମନିଟରିଂ ୟୁନିଟ୍ ପ୍ରତିଷ୍ଠା କରାଯିବା । ଇ ଯୋଜ୍‌ନା କାର୍ଯ୍ୟକାରୀ ହେଲେ ରାଜ୍ୟର୍ ସମବାୟ ବିଭାଗ୍ ଆଉ କୃଷି ଆର୍ ଗ୍ରାମାଂଚଲ୍ ବିକାଶ୍ ବେଙ୍କ୍ ଲୋକ୍‌ମାନ୍‌କୁ ଜଲ୍‌ଦି ସେବା ଯୁଗାବା ଆଉ ଇ ସବୁ କାର୍ଯ୍ୟାଳୟମାନ୍‌କେ କାର୍ଯ୍ୟକ୍ଷେତ୍ର ନ ସମାନତା ଆଉ ସ୍ୱଚ୍ଛତା ଆନ୍‌ବା । ଇଥିର୍‌ଲାଗି ମୋଟ୍ ୨ ଶହ ୨୫ କୋଟି ୯ ଲକ୍ଷ ଟଙ୍କା ଖର୍ଚ୍ଚା ହେବା ।

ରାଏଜେ ଗଣିତ ଆଉ ବିଜ୍ଞାନ୍ ଶିକ୍ଷାକେ ତ୍ୱରାନ୍ୱିତ କର୍‌ବାର୍‌କେ ମୋ ସ୍କୁଲ୍ ଅଭିଯାନ୍ ଆଉ ଖାନ୍ ଏକାଡେମୀ ଇଣ୍ଡିଆ ଭିତ୍‌ରେ ଗୁଟେ ବୁଝାମଣା ପତ୍ର ସ୍ୱାକ୍ଷରିତ ହେଇଛେ । ବୁଝାମଣାପତ୍ର ଅନ୍‌ସାରେ ଆଏବା ଶିକ୍ଷା ବଛର୍‌ନୁ ରାଜ୍ୟର୍ ସର୍‌କାରୀ ଆଉ ସର୍‌କାରୀ ଅନୁଦାନ୍ ପାଉଥିବା ବିଦ୍ୟାଳୟର୍ ୯ ଆଉ ୧୦ କ୍ଲାସ୍ ଛାତ୍ରଛାତ୍ରୀମାନ୍‌କୁ ଉତମ୍ ଜ୍ଞାନ୍ କୌଶଲ୍ ଜରିଏ ଗଣିତ ଆଉ ବିଜ୍ଞାନ୍ ଶିକ୍ଷା ଦିଆଯିବା । ପ୍ରାରମ୍ଭିକ ଖେପେ ୨୦୨୩-୨୪ ଶିକ୍ଷା ବଛର୍‌ନୁ ୨୦୨୭-୨୮ ଶିକ୍ଷା ବଛର୍‌ତକ୍ ଇ କାର୍ଯ୍ୟକ୍ରମ୍ ଜାରି ରହେବା ।

## ଜୁନିୟର୍ ମେରିଟ୍ ସ୍କଲାର୍‌ସିପ ଆର୍‌ଏନ୍‌ୟୁ ସମ୍ବଲପୁର୍

ରାଜ୍ୟର୍ ଏକାଦଶ ଶ୍ରେଣୀର୍ ଛାତ୍ରଛାତ୍ରୀଙ୍କୁ ଜୁନିୟର୍ ମେରିଟ୍ ସ୍କଲାର୍‌ସିପ୍ ମିଲ୍‌ବା । ୧୦ କ୍ଲାସ୍ ବୋର୍ଡ଼ ପରୀକ୍ଷାଥି ଶତ୍‌କଡ଼ା ୬୦ ଭାଗ୍‌ନୁ ଅଏତ୍‌କା ନମ୍ବର୍ ରଖିଥିବା ଛାତ୍ରଛାତ୍ରୀମାନେ ଇଥିର୍‌ଲାଗି ଆବେଦନ୍ କରିପାର୍‌ବେ । ଅଭିଭାବକ୍ ମାନ୍‌କର୍ ବାର୍ଷିକ ଆୟ ୬ ଲାଖ୍ ଟଙ୍କାନୁ କମ୍ ହେଇଥିବା ଛାତ୍ରଛାତ୍ରୀମାନେ ଆବେଦନ୍ କରିପାର୍‌ବେ । ଇଥିର୍‌ଲାଗି ଗଲା ୫ ତାରିଖିନୁ ରାଜ୍ୟ ସ୍କଲାର୍‌ସିପ୍

ୱେବ୍‌ସାଇଟ୍‌ଥି ଆବେଦନ୍ ମୁଲ୍ ହେଇଥିବାର୍ ବେଲେ ଆଏବା ୧୫ ତାରିଖ୍ ଦିନ ଆବେଦନ୍ କର୍‌ବାର୍ ଶେଷ୍ ଦିନ୍ ଆଏ । ଉଚ୍ଚମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ତର୍‌ଫୁ ସାମ୍ସ ଆଉ ନନ୍ ସାମ୍ସ ଉଚ୍ଚ ମାଧ୍ୟମିକ ସ୍କୁଲ୍‌ର ଅଧ୍ୟକ୍ଷ ମାନ୍‌କୁ ଇ ବାବ୍‌ଦେ ଚିଠି ଲେଖାଯାଇଛେ ।

ମୋବାଇଲ୍ ଫୋନ୍ ଟ୍ରାକିଂ ଆର୍‌ଏନ୍‌ୟୁ ସମ୍ବଲପୁର

ରାଏଜେ ବନ୍ୟପ୍ରାଣୀ ଅପରାଧୀମାନ୍‌କୁ ଦମନ୍ କର୍‌ବାର୍‌କେ ମୋବାଇଲ୍ ଫୋନ୍ ଟ୍ରାକିଂ ଲାଗି ଜଙ୍ଗଲ୍ ବିଭାଗ୍‌କେ ଅନୁମତି ଦିଆଯାଇଛେ ବଲି ପ୍ରଧାନ୍ ମୁଖ୍ୟ ବନ ସଂରକ୍ଷକ ସୁଶୀଲ୍ କୁମାର୍ ପୋପ୍‌ଲି କହିଛନ୍ । ଭୁବ୍‌ନେଶ୍ୱର୍ ନ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ସେ କହିଛନ୍ ଯେ, ଜଙ୍ଗଲ୍ ବିଭାଗ୍ ଅଧିକାରୀମାନେ ଅପରାଧୀ ଆର୍ ସନ୍ଦିଗ୍ଧ ମାନ୍‌କର୍ ମୋବାଇଲ୍ ଟ୍ରାକ୍ କରିକରି ସେମାନ୍‌କର୍ ଗତିବିଧି ଉପ୍‌ରେ ନଜର୍ ରଖିବେ । କେନ୍‌ସି ଅପରାଧ୍‌ଥି ସାମିଲ୍ ଥିଲେ ସେମାନ୍‌କର୍ ବିରୋଧ୍ ନ ପ୍ରମାଣ୍ ମିଲ୍‌ବାର୍ ଆର୍ ସେମାନ୍‌କୁ ଗିରଫ୍ କର୍‌ବାର୍‌କେ ସହଜ୍ ହେବା ବଲି ସେ କହିଛନ୍ । ଜଙ୍ଗଲ୍ ଆଉ ବନ୍ୟପ୍ରାଣୀ ସୁରକ୍ଷା ଲାଗି ପହେଲା

ଥର୍ ଲାଗି ଜଙ୍ଗଲ୍ ବିଭାଗ୍‌କେ ମୋବାଇଲ୍ ଟ୍ରେକିଂ ଲାଗି ଅନୁମତି ଦିଆଯାଇଛେ । ଭୁବ୍‌ନେଶ୍ୱର୍, ବାରିପଦା, ବ୍ରହ୍ମପୁର୍, କୋରାପୁଟ୍, ଭବାନୀପାଟ୍‌ନା, ସମ୍ବଲ୍‌ପୁର୍, ଅନୁଗୁଲ୍ ଆର୍ ରାଉର୍‌କେଲା ବନମଣ୍ଡଲ୍‌ର ଆର୍.ସି.ସି.ଏଫ୍. - ପୁଲିସ୍ ଠାନୁ ଅପରାଧୀ ଆର୍ ସନ୍ଦିଗ୍ଧ ମାନ୍‌କର୍ ମୋବାଇଲ୍ ଫୋନ୍ ରେକର୍ଡ୍ କର୍‌ବେ ବଲି ପ୍ରଧାନ୍ ମୁଖ୍ୟ ବନସଂରକ୍ଷକ କହିଛନ୍ ।

ଦୀପ୍‌ଗ୍ରେସ୍ ଏକ୍କା-ପୁରସ୍କାର୍ ଆର୍‌ଏନ୍‌ୟୁ କଟକ୍

ଚୀନ୍‌ର ହାଙ୍ଗ୍‌ଝୌ ନ ହେଇଥିବା ଏସୀୟ କ୍ରୀଡ଼ାଥି ବ୍ରୋଞ୍ଜ୍ ପଦକ୍ ଜିତିଥିବା ମହିଲା ହକି ଦଲ୍‌ଥି ସାମିଲ୍ ଥିବା ଓଡ଼ିଆ ଖେଲାଲି ଦୀପ୍‌ଗ୍ରେସ୍ ଏକ୍କାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ୫୦ ଲାଖ୍ ଟଙ୍କାର୍ ପୁରସ୍କାର୍ ଦେବାର୍ ଲାଗି ଘୋଷ୍‌ନା କରିଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍, ଦୀପ୍‌ଗ୍ରେସ୍ ଏକ୍କା ରାଜ୍ୟର୍ ଯୁବପିଢ଼ି ଲାଗି ପ୍ରେରଣାର ଉତ୍ସ । ଦେଶର୍ ଖେଲାଲିମାନ୍‌କର୍ ଲାଗି ସେ ଆଶା, ଆକାଂକ୍ଷା ଆଉ ଗର୍ବର୍ ପ୍ରତୀକ୍ ସାଜିଛନ୍ । ଇତାର୍ ଆଘୋନୁ ମୁଖ୍ୟମନ୍ତ୍ରୀ ମହିଲା ହକି ଦଲର୍ ଫି ଖେଲାଲି ଆଉ ସହାୟକ

କର୍ମଚାରୀଙ୍କର୍ ଲାଗି ୩ ଲାଖ୍ ଟଙ୍କା ଲେଖା ପୁରସ୍କାର୍ ରାଶି ଘୋଷ୍ନା କରିଥିଲେ ।

ବନ୍ୟପ୍ରାଣୀ ସପ୍ତାହ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ପଂଚାୟତ୍ ମହାବିଦ୍ୟାଲୟ ନ ବନ୍ୟପ୍ରାଣୀ ସପ୍ତାହ ପାଲନ୍ ହେଇଯାଇଛେ । ଇ ଅବ୍‌ସରେ 'ବନ୍ୟପ୍ରାଣୀ ସୁରକ୍ଷା ଆଜିର ଆହ୍ୱାନ' ଶୀର୍ଷକ ଆଲୋଚନା ଚକ୍ର ହେଇଥିଲା । ଅଧ୍ୟାପକ ଡକ୍ଟର୍ ପ୍ରଦୀପ୍ କୁମାର ଦାସ୍‌ଙ୍କର୍ ଅଧକ୍ଷତାଥି ହେଇଥିବା ଇ ଆଲୋଚନାଚକ୍ରଥି ବୌଦ୍ଧ ସହକାରୀ ବନ ସଂରକ୍ଷକ ମୀନାକ୍ଷୀ କରୁଆ ଯୋଗ୍ ଦେଇକରି ବନ୍ୟପ୍ରାଣୀମାନ୍‌କର୍ ଉପକାରିତା, ସେମାନ୍‌କର୍ ସଂରକ୍ଷଣ୍, ବନ୍ୟପ୍ରାଣୀମାନ୍‌କର୍ ଆକ୍ରମଣ୍ଥି ନୁକ୍‌ସାନ୍ ହେଲେ କ୍ଷତିପୂରଣ୍ ଦେବାର୍ ବାବ୍‌ଦେ ବୁଝେଇଥିଲେ ।

ସାଇବର୍ ସୁରକ୍ଷା ସଚେତନତା ମାରାଥନ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ପୁଲିସ୍ ତର୍‌ଫୁ ମର୍ଜାକୁଦ ସେତୁ ଛକ୍ ନ ସାଇବର୍ ସୁରକ୍ଷା ସଚେତନତା ମାରାଥନ୍ ହେଇଯାଇଛେ । ଆରକ୍ଷୀ

ଅଧିକ୍ଷକ ରାଜ୍‌ପ୍ରସାଦ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଉଦ୍‌ଘାଟନୀ ଉତ୍ସବ୍‌ଥି ଜିଲ୍ଲାପାଲ୍ ନୃସିଂହଚରଣ୍ ସ୍ୱାଇଁ ଯୋଗ୍ ଦେଇକରି ମାରାଥନ୍‌ର ଶୁଭାରମ୍ଭ କରିଥିଲେ । ଇ ସଚେତନତା ମାରାଥନ୍‌ଥି ହଜାରେନୁ ଅଏତ୍‌କା ଲୋକ୍ ସାମିଲ୍ ହେଇଥିଲେ ।

ଷ୍ଟାର୍ଟଅପ୍ ଯାତ୍ରା ନୂଆପଡ଼ା ସମ୍ବାଦଦାତା

ଓଡ଼ିଶା ଷ୍ଟାର୍ଟଅପ୍ ଯାତ୍ରା ଆଉ ଏକ୍ସପ୍ରେସ୍ ନୂଆପଡ଼ା ଜିଲ୍ଲାର୍ କେନ୍ଦ୍ରୀୟ ବିଦ୍ୟାଳୟ, ଓମ୍ ସାଇ ପବ୍ଲିକ୍ ସ୍କୁଲ୍ ସର୍‌କାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଆଉ ଯୁକ୍ତ ଦୁଇ ମହାବିଦ୍ୟାଳୟ ପରିଦର୍ଶନ୍ କରିଛେ । ଇ ଅବ୍‌ସରେ ଇ ଷ୍ଟାର୍ଟଅପ୍ ଯାତ୍ରାମୋଟ୍ ୧୧ ଟା ନୂଆଁ ଆଇଡିଆ ଠୋଲ୍ କର୍‌ବାର୍ ବେଲେ ମୋଟ୍ ଶହେ ୮୧ ଝନ୍ ଛାତ୍ରଛାତ୍ରୀ ଇଥି ଅଂଶଗ୍ରହଣ୍ କରିଥିଲେ ।

ଜନଜାତି ଯୁବ ଆଦାନ୍ ପ୍ରଦାନ୍ କାର୍ଯ୍ୟକ୍ରମ ଯାତ୍ରା/ କଳାହାଣ୍ଡି

କଳାହାଣ୍ଡି ଜିଲ୍ଲା ୬୪ ବାଟାଲିୟନ୍ କେନ୍ଦ୍ରୀୟ ରିଜର୍ଭ ପୁଲିସ୍ ବଳ ଅଟାଙ୍ଗଗୁଡ଼ାର କେମ୍ପ୍ ପରିସର୍ ନ ୧୫ ନମ୍ବର୍ ଜନଜାତି

ଯୁବ ଆଦାନ୍ ପ୍ରଦାନ୍ କାର୍ଯ୍ୟକ୍ରମ ଯାତ୍ରା ମୁଲ୍ ହେଇଛେ । କେନ୍ଦ୍ର ସର୍‌କାର୍‌ଙ୍କର୍ ଯୁବ ବ୍ୟାପାର୍ ଆର୍ କ୍ରୀଡ଼ା ମନ୍ତ୍ରଣାଳୟର୍ ନେହେରୁ ଯୁବକେନ୍ଦ୍ର, କଳାହାଣ୍ଡି ଶାଖା ଆର୍ ୬୪ ବାଟାଲିୟମ୍ କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ ତର୍‌ଫୁ ହେଇଥିବା ଇ କାର୍ଯ୍ୟକ୍ରମ୍‌ଥି କଳାହାଣ୍ଡି ଜିଲ୍ଲାର୍ ଭବାନୀପାଟ୍‌ନା ବ୍ଲକ୍‌ର ମାଓପ୍ରବଣ ଆର୍ ଆଦିବାସୀ ଅଧ୍ୟୁଷିତ ଅଂଚଲ୍‌ନୁ ୨୦ ଝନ୍ ଯୁବକ୍, ଯୁବତୀ ଚଣ୍ଡିଗଡ଼ ଯାତ୍ରା କରିଛନ୍ । ୬୪ ବାଟାଲିୟନ୍ ସିଆର୍‌ପିଏଫ୍ କମାଣ୍ଡେଂଟ୍ ପଙ୍କଜ୍ ଚୌଧୁରୀ ପତାକା ଦେଖେଇକରି ଇ ଯାତ୍ରାର୍ ଶୁଭାରମ୍ଭ କରିଛନ୍ ।

## ବିଶ୍ୱନାଥ ପଣ୍ଡିତ-ପାଠାଗାର ପ୍ରତିଷ୍ଠା                ଆର୍‌ଏନ୍‌ୟୁ କଟକ୍

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜ୍‌ବାଦୀ ନେତା ବିଶ୍ୱନାଥ ପଣ୍ଡିତଙ୍କର୍ ସ୍ମୃତିଥି ଗୁଟେ ଅତ୍ୟାଧୁନିକ୍ ପାଠାଗାର ପ୍ରତିଷ୍ଠା କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ନିଷ୍ପତି ନେଇଛନ୍ । ଇ ପାଠାଗାର୍ କଟକ୍ ବାଦାମ୍‌ବାଡ଼ି ଠାନେ ଥିବା ପୁରୀ- ଅନୁଗୁଲ୍, ବସ୍‌ଷ୍ଟେଣ୍ଡ୍ ନ ପ୍ରତିଷ୍ଠା କରାଯିବା । ମୁଖ୍ୟମନ୍ତ୍ରୀ ଇଥିର୍‌ଲାଗି ୩୦ କୋଟି ୫୮ ଲାଖ୍ ଟଙ୍କାନୁ ଅଏତ୍‌କା ଖର୍ଚ୍ଚା ପ୍ରସ୍ତାବ୍‌କେ ଭିଲ୍ ମଞ୍ଜୁର୍ କରିଛନ୍ ।